# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 June – 2025

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁର ୫୦ ବର୍ଷ ପୂର୍ତ୍ତି ନେଇ ଆସନ୍ତାକାଲି ପାଳନ କରାଯିବ ସମ୍ବିଧାନ ହତ୍ୟା ଦିବସ
- ରାଜ୍ୟରେ ଆଉ ୯ଟି ନୂଆ ମେଡିକାଲ କଲେଜ୍ ପ୍ରତିଷ୍ଠା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୂଚନା
- ଅଣସର ଘରେ ଜ୍ୱରରୁ ସୁସ୍ଥ ହୋଇଥିବା ଶ୍ରୀଜୀଉଙ୍କର ଆଜି ହେବ ବନକ ଲାଗି ନୀତି

ଏବଂ

- ମୌସୁମୀବାୟୁର ପ୍ରଭାବରେ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା

# ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତିକୁ ଆସନ୍ତାକାଲି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି । ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ । ଏଥିଯୋଗୁଁ ସେତେବେଳେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଭାରତର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସେହି ଦିନକୁ ମନେ ପକାଇ ଆସନ୍ତାକାଲି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯିବ ।

ରାଜ୍ୟରେ ସମ୍ବିଧାନ ହତ୍ୟା ଦିବସ ପାଳନ ନେଇ ଉଚ୍ଚଶିକ୍ଷାମନ୍ତ୍ରୀ **ସୂର୍ଯ୍ୟବଂଶୀ ସୂରଜ** କହିଛନ୍ତି....

**- V/O -**

ଜରୁରିକାଳୀନ ପରିସ୍ଥିତି ସମୟରେ ତତ୍କାଳୀନ ସରକାରଙ୍କର କାର୍ଯ୍ୟକାରିତାକୁ ନେଇ **ସୁରେନ୍ଦ୍ର ନାଥ ବେହେରା** ଆକାଶବାଣୀକୁ କହିଛନ୍ତି....

**- V/O -**

ଏ ସମ୍ପର୍କରେ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟ.....

*୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ମାସ ୨୧ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୮ ମାସ ଧରି ଦେଶରେ ଲାଗୁ ହୋଇଥିଲା ଜରୁରିକାଳୀନ ପରିସ୍ଥିତି। ତତ୍କାଳୀନ ସରକାର କ୍ଷମତାର ଅପବ୍ୟବହାର କରି ଗଣତନ୍ତ୍ରର କଣ୍ଠରୋଧ କରିବାରୁ ଦେଶବ୍ୟାପୀ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକଛତ୍ରବାଦ ପ୍ରଦର୍ଶନ କରି ସମ୍ବିଧାନର ନାଗରିକଙ୍କ ମୌଳିକ ଅଧିକାରକୁ ସଂକୁଚିତ କରିଦେଇଥିଲେ। ନିର୍ଦ୍ଦୋଷରେ ଲକ୍ଷ ଲକ୍ଷ ଲୋକଙ୍କୁ ଜେଲ୍‌ଦଣ୍ଡ ଭୋଗିବାକୁ ପଡିଥିଲା। ପରବର୍ତ୍ତୀ ସମୟରେ କୋଟି କୋଟି ଲୋକଙ୍କର ସଂଗ୍ରାମ ଦ୍ୱାରା ଆଜି ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରାଯାଇ ପାରିଛି।*

ସ୍ମୃତିରେଖା ତାରେଣିଆଁ, ଆକାଶବାଣୀ, ଆଂଚଳିକ ସମ୍ବାଦ ବିଭାଗ

## ମେଡିକାଲ କଲେଜ୍

ରାଜ୍ୟରେ ୯ଟି ନୂଆ ମେଡିକାଲ କଲେଜ୍ ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଜଗତ୍‌ସିଂହପୁର, ଭଦ୍ରକ, ଢେଙ୍କାନାଳ ଓ ନବରଙ୍ଗପୁରରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଏହାସହ ବୁର୍ଲା, ବ୍ରହ୍ମପୁର, କେନ୍ଦୁଝର ଓ ବଲାଙ୍ଗିରରେ ୪ଟି ଡେଣ୍ଟାଲ କଲେଜ୍ ଏବଂ ମୟୂରଭଞ୍ଜରେ ଆୟୁର୍ବେଦ କଲେଜ ପ୍ରତିଷ୍ଠା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

## ଏକକ ପେନ୍‌ସନ ଯୋଜନା

ଏକକ ପେନ୍‌ସନ୍ ଯୋଜନା-ୟୁପିଏସ୍ ବିକଳ୍ପ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ଅଧିକ ୩ ମାସ ସମୟ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ, କର୍ମଚାରୀମାନଙ୍କ ପାଇଁ ମାର୍ଚ୍ଚ ମାସରୁ ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଏକକ ପେନସନ୍ ସ୍କିମ୍‌ର ସମୟ ଧାର୍ଯ୍ୟ କରାଯାଇଥିଲା। ଏହି ସମୟସୀମାକୁ ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟ ଭିତରେ ଯୋଗ୍ୟ ପୁରୁଣା କର୍ମଚାରୀ ଅବସରପ୍ରାପ୍ତ କର୍ମଚାରୀ ଏବଂ ଅବସରପ୍ରାପ୍ତ ମୃତକ କର୍ମଚାରୀଙ୍କ ପତ୍ନୀ ବିକଳ୍ପ କାର୍ଯ୍ୟକାରୀ ପାଇଁ ଆବେଦନ କରିପାରିବେ।

## ବନକଲାଗି

**ପୁରୀ** ଶ୍ରୀମନ୍ଦିରରେ ଆଜି ଦ୍ୱିତୀୟ ଭୋଗ ମଣ୍ଡପ ନୀତି  ଶେଷ ହେବା ପରେ ଶ୍ରୀଜୀଉମାନଙ୍କର ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଅନୁଷ୍ଠିତ ହେବ। ଗତକାଲି ଅନବସରର ତ୍ରୟୋଦଶୀ ତିଥିରେ ଘଣାଲାଗି ନୀତି ଅନୁଷ୍ଠିତ ହୋଇଯାଇଛି   ।

ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆଜି ପୁରୀ ସ୍ଥିତ ନିଳାଦ୍ରୀ ଭକ୍ତ ନିବାସରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।  ଶୃଙ୍ଖଳିତ ରଥଟଣା, ଠାକୁରଙ୍କର ପହଣ୍ଡି ନୀତି, ରଥ ଶୋଧ ନେଇ ବୈଠକରେ ଆଲୋଚନା ହୋଇଥିଲା। ରଥ ଉପରକୁ କୌଣସି ଅନଧିକୃତ ସେବାୟତଙ୍କ ପ୍ରବେଶ, ମୋବାଇଲ୍ ଫୋନ୍

ବ୍ୟବହାର କଟକଣାକୁ ଉଚିତ୍ ପରିଚାଳନା ପାଇଁ ଧ୍ୟାନ ଦେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ଫି

ରାଜ୍ୟରେ ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଆଦାୟ କରାଯାଉଥିବା ଦେୟ ଫେରସ୍ତ କରିବା ଲାଗି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଓପିଏସ୍‌ସି, ଓଏସ୍‌ଏସ୍‌ସି ଏବଂ ଓଏସ୍‌ଏସ୍‌ଏସ୍‌ସିକୁ ଅବଗତ କରାଯାଇଛି । ଯେଉଁମାନେ ପରୀକ୍ଷାରେ ଭାଗନେବେ କେବଳ ସେମାନଙ୍କୁ ଦେୟ ଫେରସ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।

## ସ୍ନାତକୋତ୍ତର-ପିଜି

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ନାତକୋତ୍ତର-ପିଜି ପାଠପଢ଼ା ଜୁଲାଇ ମାସ ୧୦ ତାରିଖରୁ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟ ମେଧା ତାଲିକାରେ ପ୍ରଥମ ପର୍ଯ୍ୟାୟରେ ୭ ହଜାର ୮୭୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ୭ ହଜାର ୫୨୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉଚ୍ଚଶିକ୍ଷା ବିଭାଗ ନିୟନ୍ତ୍ରଣରେ ୨୦ଟି ବିଶ୍ୱବିଦ୍ୟାଳୟ ସହିତ ୧୦୧ଟି ମହାବିଦ୍ୟାଳୟରେ ୩୧ ହଜାର ୧୫୪ଟି ଆସନ ପିଜି ଛାତ୍ରଛାତ୍ରୀଙ୍କ ପାଇଁ ରହିଛି ।

## ଆଇନ୍‌ସେବା ପ୍ରାଧିକରଣ

ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ଅନୁମୋଦନ କ୍ରମେ **ସୁବର୍ଣ୍ଣପୁର** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ  ପକ୍ଷରୁ ଆଜି ସୁବର୍ଣ୍ଣପୁର ସଦର ନିକଟସ୍ଥ ସୁକାନ୍ତୀ କଲେଜ୍‌ଠାରେ ପସ୍‌କୋ ଓ କିଶୋର ଆଇନ୍ ଉପରେ ଏକ ଜିଲ୍ଲାସ୍ତରୀୟ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତି ଯୋଗଦେଇ ଏହି ସବୁ ଆଇନ୍ ବିଷୟରେ ସଚେତନ କରାଇଛନ୍ତି।

## ନବକୃଷ୍ଣ ଚୌଧୁରୀ-ପୂଣ୍ୟତିଥି

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କର ଆଜି ପୂଣ୍ୟ ତିଥିରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।  ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ପ୍ରଗତି ତଥା ତୃଣମୂଳସ୍ତରରୁ ଜନତାଙ୍କର ଉନ୍ନତି ପାଇଁ ତାଙ୍କର ପ୍ରୟାସ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ।

ନବକୃଷ୍ଣ ଚୌଧୁରୀ ଜଗତ୍‌ସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୧୯୫୦ ମସିହାରୁ ୧୯୫୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ସ୍ୱର୍ଗତଃ ଚୌଧୁରୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜବାଦୀ ତଥା ସର୍ବୋଦୟ ନେତା ଭାବେ ସମଗ୍ର ଦେଶରେ ପରିଚିତ।

## ଟେକ୍ନୋଲୋଜୀ ହବ୍

ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଟେକ୍ନୋଲୋଜୀ ହବ୍‌ରେ ପରିଣତ କରିବା ଲାଗି ଲଜାଇଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଅତ୍ୟାଧୁନିକ କର୍ମଶକ୍ତି ପରିଚାଳନା, ସାମର୍ଥ୍ୟର ପୂର୍ଣ୍ଣ ବ୍ୟବହାର ଓ ନବସୃଜନ ତଥା ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ରଖି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲଜାଇଲ ଏହାର ନୂତନ ସହାୟକ କମ୍ପାନୀ ଓ ବିଶ୍ୱସ୍ତରୀୟ  ନବସୃଜନ କେନ୍ଦ୍ର ଓଡ଼ିଶାରେ ଉଦ୍‌ଘାଟନ କରିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଲଜାଇଲ୍‌ର  ପ୍ରତିଷ୍ଠାତା ତଥା ସିଇଓ ପୂର୍ଣ୍ଣ ମିଶ୍ର କମ୍ପାନୀର ଯାତ୍ରା ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ସକ୍ରିୟ ପ୍ରଶାସନ, ଅନୁକୂଳ ବ୍ୟବସାୟିକ ପରିବେଶ ସହ ଏକ ପ୍ରତିଶ୍ରୁତିପୂର୍ଣ୍ଣ ନିବେଶ-ଗନ୍ତବ୍ୟସ୍ଥଳ ଭାବରେ ଭୁବନେଶ୍ୱର ଉଭା ହୋଇଛି। କମ୍ପାନୀର ଉଦ୍‌ଘାଟନ କେବଳ ଏକ ସୁବିଧାର ଶୁଭାରମ୍ଭ ନୁହେଁ, ବରଂ ଏହା ସୁଯୋଗ ଓ ନବସୃଜନ ମାଧ୍ୟମରେ ଏକ ଦୀର୍ଘକାଳୀନ ସହଭାଗିତାର ଅୟମାରମ୍ଭ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି।

## ୪୦୦ ମିଟର-ସ୍ୱର୍ଣ୍ଣ ପଦକ

୨୩ତମ ଜାତୀୟ ଜୁନିୟର ଫେଡେରେସନ୍ ଆଥଲେଟିକ ଚାମ୍ପିଅନସିପ୍ ୨୦୨୫ର ପୁରୁଷ ବର୍ଗର ୪୦୦ ମିଟର ଦୌଡ଼ରେ ଅସ୍ତିକ୍

ପ୍ରଧାନ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ୪୬ ଦଶମିକ ୫/୮ ସେକେଣ୍ଡରେ ନୂତନ ଜାତୀୟ ରେକର୍ଡ୍ ସ୍ଥାପନ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଅସ୍ତିକ୍ ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଚଳିତ ମାସ ୧ ତାରିଖରୁ ଆଜି ସୁଦ୍ଧା ରାଜ୍ୟରେ ୧୪୬ ଦଶମିକ ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।